# NATIONAL NEWS BULLETIN (ODIA)

**3 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଖ୍ୱାଜା ମୋଇନୁଦ୍ଦିନ ଚିସ୍ତୀଙ୍କ ଉର୍ସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶା ଓ ମଣିପୁରର ନୂତନ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ।

- ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟଭାବେ କାର୍ଯ୍ୟକାଳ ଆରମ୍ଭ କଲେ ୫ଟି ଦେଶ ।

- ବାଂଲାଦେଶ ଓ ଭାରତରେ ଅଟକ ଥିବା ଉଭୟ ଦେଶର ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ।

ଏବଂ

- ବର୍ଡର ଗାଭାସ୍କର ଟ୍ରଫିର ୫ମ ଟେଷ୍ଟର ପ୍ରଥମ ଇନିଂସ୍‌ରେ ଭାରତ ୧୮୫ରନ୍‌ରେ ଅଲ୍‌ଆଉଟ୍ ।

## ପିଏମ୍-ଉର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତୀଙ୍କ ଉର୍ସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସମସ୍ତଙ୍କ ଜୀବନରେ ସୁଖ ଶାନ୍ତି କାମନା କରିଛନ୍ତି। ଶ୍ରୀ ମୋଦୀ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କୁ ଏକ ଚାଦର ମଧ୍ୟ ପ୍ରଦାନ କରିଛନ୍ତି ଯାହା ତାଙ୍କ ତରଫରୁ ଅଜମେର ଶରିଫ ଦରଗାରେ ଉର୍ସ ଅବସରରେ ଅର୍ପଣ କରାଯିବ । ଶ୍ରୀ ରିଜିଜୁ ଆଜି ଦିଲ୍ଲୀର ନିଜାମୁଦ୍ଦିନ ଅଉଲିଆ ଦରଗାକୁ ଯାଇ ଚାଦର ଅର୍ପଣ କରିଛନ୍ତି। ଆସନ୍ତାକାଲି ଆଜମେର ସରିଫରେ ଶ୍ରୀ ମୋଦିଙ୍କ ତରଫରୁ ଚାଦର ଅର୍ପଣ କରିବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

## ଓଡ଼ିଶା ଗଭର୍ଣ୍ଣର ଓଥ୍

ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ  ଡକ୍ଟର ହରି ବାବୁ କମ୍ଭମପତି ଆଜି ସକାଳେ ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ତାଙ୍କୁ ରାଜ୍ୟର ୨୭ତମ ରାଜ୍ୟପାଳ ଭାବେ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ବହୁ ମନ୍ତ୍ରୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ଇସ୍ତଫା ପରେ ଗତ ମାସ ୨୭ ତାରିଖରେ ଡ. କମ୍ଭମପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା। ପୂର୍ବରୁ ସେ ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିଲେ।

# ମଣିପୁର-ସ୍ୱର୍ଣ୍ଣ ଇନ୍

ପୂର୍ବତନ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ଆଜି  ମଣିପୁରର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି । ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ଡି.କୃଷ୍ଣକୁମାର ରାଜଭବନର ଦରବାର ହଲରେ ଆୟୋଜିତ ଏକ ସମାରୋହରେ ତାଙ୍କୁ ଶପଥ ପାଠ କରାଇଥିଲେ । ଶ୍ରୀ ଭଲ୍ଲା ୨୦୨୪ ଜୁଲାଇରୁ ରାଜ୍ୟପାଳ ଦାୟିତ୍ୱରେ ଥିବା ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ସ୍ଥାନ ନେଇଛନ୍ତି ।

ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂହ, ବାଚସ୍ପତି ଥୋକଚାମ୍ ସତ୍ୟବ୍ରତ, କ୍ୟାବିନେଟ୍ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆସାମ-ମେଘାଳୟ କ୍ୟାଡର ୧୯୮୪ ବ୍ୟାଚ୍‌ର ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶ୍ରୀ ଭଲ୍ଲା ୨୦୨୪ ଅଗଷ୍ଟ ପର୍ଯ୍ୟନ୍ତ ପାଖାପାଖି ୫ ବର୍ଷ ଭାରତର ଗୃହ ସଚିବ ଭାବେ କାର୍ଯ୍ୟ କରିଥିଲେ ।

# ୟୁଏନ୍‌ଏସ୍‌ସି-ନିଉ ମେମ୍ବର୍ସ

ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ଡେନମାର୍କ, ଗ୍ରୀସ୍, ପାକିସ୍ତାନ, ପାନାମା ଓ ସୋମାଲିଆ ନିଜର ଦୁଇ ବର୍ଷର କାର୍ଯ୍ୟକାଳ ଆରମ୍ଭ କରିଛନ୍ତି । ଏହି ୫ଟି ଦେଶ ଇକ୍ୱେଡର, ଜାପାନ, ମାଲ୍ଟା, ମୋଜାମ୍ବିକ୍ ଏବଂ ସ୍ୱିଜରଲ୍ୟାଣ୍ଡର ସ୍ଥାନ ନେଇଛନ୍ତି । ନିଜ ଦାୟିତ୍ୱର ଶୁଭାରମ୍ଭ ଅବସରରେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ

ଏକ ପତାକା ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ପରିଷଦ ଗୃହ ବାହାରେ ୫ ଜଣ ନୂଆ ସଦସ୍ୟଙ୍କ ସ୍ଥାୟୀ ପ୍ରତିନିଧିମାନେ ନିଜ ନିଜ ଜାତୀୟ ପତାକା ଲଗାଇବା ପୂର୍ବରୁ ସ୍ୱଳ୍ପ ଭାଷଣ ଦେଇଥିଲେ।

ଜାତିସଂଘ ସୁରକ୍ଷା ପରିଷଦରେ ବର୍ତ୍ତମାନ ୧୫ ଜଣ ସଦସ୍ୟ ଅଛନ୍ତି, ଯେଉଁଥିରେ ୫ ଜଣ ସ୍ଥାୟୀ ଏବଂ ୧୦ ଜଣ ନିର୍ବାଚିତ ସଦସ୍ୟ ଅଛନ୍ତି । ସେମାନଙ୍କର ଦୁଇ ବର୍ଷର କାର୍ଯ୍ୟକାଳ ରହିଛି । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ରୁଷ୍, ଚୀନ୍ ଏବଂ ଫ୍ରାନ୍ସ ଏହାର ସ୍ଥାୟୀ ସଦସ୍ୟ ଅଟନ୍ତି । ସେମାନଙ୍କ ପାଖରେ ଭିଟୋ କ୍ଷମତା ରହିଛି ।

## ବାଂଲାଦେଶ-ଫିସରମ୍ୟାନ

ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ବାଂଲାଦେଶରେ ଅଟକ ଥିବା ୯୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ଭାରତରେ ଅଟକ ଥିବା ୯୦ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ରବିବାର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି।

ଗତକାଲି ଏକ ପ୍ରେସ୍ ବିଜ୍ଞପ୍ତିଜାରି କରି ମନ୍ତ୍ରଣାଳୟ କହିଛି ଯେ ବାଂଲାଦେଶ ତଟରକ୍ଷୀ ବାହିନୀ ୯୫ ଜଣ ଭାରତୀୟ ମତ୍ସ୍ୟଜୀବୀ/କ୍ରୁ ସଦସ୍ୟଙ୍କୁ ଭାରତୀୟ ତଟରକ୍ଷୀ ବାହିନୀକୁ ହସ୍ତାନ୍ତର କରିବା ଏବଂ ୯୦ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ/କ୍ରୁ ସଦସ୍ୟଙ୍କୁ ଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏହାବ୍ୟତୀତ ଭାରତରେ ଅଟକ ଥିବା ୨ଟି ବାଂଲାଦେଶୀ ମାଛଧରା ଜାହାଜ ଏବଂ ବାଂଲାଦେଶରେ ଅଟକ ଥିବା ୬ଟି ଭାରତୀୟ ମାଛଧରା ଡଙ୍ଗାକୁ ମଧ୍ୟ ଦୁଇ ତଟରକ୍ଷୀ ବାହିନୀ ମଧ୍ୟରେ ବିନିମୟ କରାଯିବ।

୨୦୨୪ ଅକ୍ଟୋବର ଓ ନଭେମ୍ବର ମାସରେ ବାଂଲାଦେଶ ଜଳସୀମା ଭିତରେ ୯୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ୬ଟି ମାଛଧରା ଡଙ୍ଗାକୁ ବାଂଲାଦେଶ କର୍ତ୍ତୃପକ୍ଷ ଅଟକ ରଖିଥିଲେ।
ମିଳିଥିବା ସୂଚନା ଅନୁଯାୟୀ, ବାଗେରହାଟ ଓ ପଟୁଆଖାଲି ଜିଲ୍ଲା କାରାଗାରରେ ବନ୍ଦୀ ଥିବା ୯୫ ଜଣ ଭାରତୀୟ ମତ୍ସ୍ୟଜୀବୀ/କ୍ରୁ ସଦସ୍ୟଙ୍କୁ ଗୁରୁବାର ମୁକ୍ତ କରାଯାଇଛି।

## ଏଚ୍‌ଏମ୍-ଆଇଡିଏ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଦ୍ୱୀପପୁଞ୍ଜ ଉନ୍ନୟନ ସଂଗଠନର ସପ୍ତମ ବୈଠକ ଆଜି ଅନୁଷ୍ଠିତ ହେଉଛି। ବୈଠକରେ ଆଣ୍ଡାମାନ ଓ ନିକୋବର ଉପରାଜ୍ୟପାଳ ଦେବେନ୍ଦ୍ର କୁମାର ଯୋଶୀ, ଲାକ୍ଷାଦ୍ୱୀପ ପ୍ରଶାସକ ପ୍ରଫୁଲ୍ଲ ପଟେଲ, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ୨୦୧୭ରେ ସ୍ଥାପିତ ଆଇଡିଏ ଦେଶର ଦ୍ୱୀପପୁଞ୍ଜର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛି।

## ଟ୍ରେନ୍ ଡିଲେଡ

ଘନ କୁହୁଡ଼ି ଓ କମ୍ ଦୃଶ୍ୟମାନତା ଯୋଗୁଁ ଆଜି ଦିଲ୍ଲୀ-ଏନସିଆରରେ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଜାତୀୟ ରାଜଧାନୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦୃଶ୍ୟମାନ୍ୟତା କମ୍ ଥିବାରୁ ପାଖାପାଖି ୫୦ଟି ବିମାନ ବିଳମ୍ବିତ ହୋଇଥିଲା।

ଅନ୍ୟପକ୍ଷରେ ଦିଲ୍ଲୀ ଅଭିମୁଖେ ଯାଉଥିବା ଅନେକ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି।

ଦିଲ୍ଲୀ ଅଭିମୁଖେ ଯାଉଥିବା ପ୍ରାୟ ୨୪ଟି ଟ୍ରେନ୍ ୫ ଘଣ୍ଟା ବିଳମ୍ବରେ ଚଳାଚଳ କରୁଛି। ଉତ୍ତର ରେଳପଥର ୫ଟି ଡିଭିଜନର ପ୍ରାୟ ୩୦୦ ଷ୍ଟେସନରେ ଘନ କୁହୁଡ଼ି ହୋଇଥିବା ବେଳେ ଦୃଶ୍ୟମାନତା ୩୦ ମିଟରରୁ ୫୦ ମିଟର ମଧ୍ୟରେ ରେକର୍ଡ କରାଯାଇଛି। କମ୍ ଦୃଶ୍ୟମାନତା ଏବଂ ଘନ କୁହୁଡ଼ି ଯୋଗୁଁ ଗୋରଖଧାମ, ଫରାକ୍କା , କାଳିନ୍ଦୀ , ଶ୍ରମଶକ୍ତି, ମହାବୋଧି, ମାଲଓ୍ୱା, ୟୁପି ସମ୍ପର୍କ କ୍ରାନ୍ତି ଏବଂ ଅଯୋଧ୍ୟା ଏକ୍ସପ୍ରେସ ଭଳି ଅନେକ ଟ୍ରେନ ପ୍ରଭାବିତ ହୋଇଛି । ଟ୍ରେନରେ ଚଢ଼ିବା ପାଇଁ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଟ୍ରେନର ସଦ୍ୟତମ ସ୍ଥିତି ଯାଞ୍ଚ କରିବାକୁ ରେଳବାଇ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଛି।

# ଇୟର ୟେଣ୍ଡର

ଆକାଶବାଣୀ ସମ୍ବାଦ ଏହାର ସ୍ୱତନ୍ତ୍ର ଧାରାବାହିକରେ ଆପଣଙ୍କ ପାଇଁ ୨୦୨୪ର ଝଲକ ଆଣିଛି । ଆଜି ଆମେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ଉପରେ ନଜର ପକାଇବା ।

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ସଂଖ୍ୟାଲଘୁଙ୍କ ସମସ୍ୟା ଉପରେ ଧ୍ୟାନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛି। ୨୦୨୪ ମସିହା ଜୁଲାଇ ମାସରେ ଲୋକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସମଗ୍ର ଭାରତର ସଂଖ୍ୟାଲଘୁ କାରିଗରଙ୍କ ସ୍ୱଦେଶୀ କଳା, ହସ୍ତଶିଳ୍ପ ଏବଂ ସମୃଦ୍ଧ

ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ୧୬୨ ଜଣ କାରିଗରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ରାଜ୍ୟର ୭୦ରୁ ଅଧିକ ଉତ୍କୃଷ୍ଟ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହାବ୍ୟତୀତ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ପଛୁଆ ବର୍ଗଙ୍କ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟର ଜାତୀୟ ସଂଖ୍ୟାଲଘୁ ବିକାଶ ଏବଂ ଅର୍ଥ ନିଗମ ଗଠନ କରିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ନିଗମ ପକ୍ଷରୁ ଏପର୍ଯ୍ୟନ୍ତ ୧କୋଟି ୮୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରାୟ ୭୬୫ କୋଟି ଟଙ୍କାର ରିହାତି ଋଣ ପ୍ରଦାନ କରାଯାଇଛି। ତୀର୍ଥଯାତ୍ରା ନିମନ୍ତେ ସୂଚନା ପ୍ରଯୁକ୍ତିର ଉପଯୋଗ ପାଇଁ ମନ୍ତ୍ରଣାଳୟ ହଜ୍ ସୁବିଧା ଆପ୍ ମଧ୍ୟ ଲଞ୍ଚ କରିଛି। ଗତବର୍ଷ ଏହି ଆପ୍ ୯ ହଜାରରୁ ଅଧିକ ଅଭିଯୋଗର ସମାଧାନ କରିବାରେ ସହାୟକ ହୋଇଥିଲା। ଏହାବ୍ୟତୀତ ମନ୍ତ୍ରଣାଳୟ ଓ୍ୱାକଫ୍ ସଂଶୋଧନ ବିଲ୍ ୨୦୨୪ ମଧ୍ୟ ଆଣିଛି ଯାହା ସଂସଦୀୟ କମିଟି ରେ ବିଚାରାଧୀନ ରହିଛି। ଏହି ଆଇନର ଉଦ୍ଦେଶ୍ୟ ହେଉଛି ତ୍ରୁଟିକୁ ଦୂର କରିବା ଏବଂ ଓ୍ୱାକଫ୍ ସମ୍ପତ୍ତିର ପ୍ରଶାସନ ଏବଂ ପରିଚାଳନାର ଦକ୍ଷତା ବୃଦ୍ଧି କରିବା ।

## ଆକ୍ସିଡେଣ୍ଟ

ମୁମ୍ବାଇ-ଗୋଆ ରାଜପଥର ରାୟଗଡରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବୀର ରେଳ ଷ୍ଟେସନ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ କାର୍‌କୁ ଏକ ଟୋଇଙ୍ଗ  ଗାଡ଼ି ଧକ୍କା ଦେଇଥିଲା। ଧକ୍କା

ଏତେ ଭୟଙ୍କର ଥିଲା ଯେ କାର୍‌ଟି ଆକାଶମାର୍ଗକୁ ଉଠିଯାଇ ଅନେକ ଫୁଟଦୂରରେ ଖସି ପଡ଼ିବାରୁ ଘଟଣାସ୍ଥଳରେ ୩ ଜଣଙ୍କମୃତ୍ୟୁ ଘଟିଥିଲା। ଆହତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

# ପିଏମ୍ ସାବିତ୍ରୀବାଇ ଫୁଲେ

ସମାଜ ସଂସ୍କାରକ ସାବିତ୍ରୀବାଇ ଫୁଲେଙ୍କ ଆଜି ହେଉଛି ଜନ୍ମଜୟନ୍ତୀ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀମତୀ ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାବିତ୍ରୀବାଇ ଫୁଲେ ମହିଳା ସଶକ୍ତୀକରଣର ପ୍ରତୀକ ଏବଂ ଶିକ୍ଷା ଓ ସାମାଜିକ ସଂସ୍କାର କ୍ଷେତ୍ରରେ ଅଗ୍ରଣୀ ବୋଲି ପ୍ରଧାନମନ୍ତ୍ରୀ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଫୁଲେ ମହିଳା ଶିକ୍ଷାକୁ ଅଗ୍ରାଧିକାର ଦେଇ ସମାଜର ବଞ୍ଚିତ ଓ ଶୋଷିତ ବର୍ଗଙ୍କ ଅଧିକାର ପାଇଁ ଲଢ଼େଇ କରିଥିଲେ।

# ଟିଏନ୍-ଇଡି ରେଡ୍‌ସ

ତାମିଲନାଡୁରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଡିଏମକେ ସାଂସଦ କାଥିର ଆନନ୍ଦ ଏବଂ ଡିଏମକେର ବରିଷ୍ଠ ନେତା ଦୁରାଇ ମୁରୁଗାନଙ୍କ ବାସଭବନ ଏବଂ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରୁଛନ୍ତି। ପୁଞ୍ଚୋଲାଇ ନାମକ ମନ୍ତ୍ରୀଙ୍କ ସହଯୋଗୀଙ୍କ ଘର ଉପରେ ଅଧିକାରୀମାନେ ଚଢ଼ାଉ କରୁଥିବା ଜଣାପଡିଛି । ଏହି ଚଢ଼ାଉ ୨୦୧୯ରେ ଟିକସ ଚୋରି

ସହ ଜଡିତ ବୋଲି କୁହାଯାଉଛି । ଚଢ଼ାଉ ସମୟରେ ୧୦ ଲକ୍ଷରୁ ଅଧିକ ଟଙ୍କାର ନଗଦ ଟଙ୍କା ଜବତ ହୋଇଥିଲା ।

## କ୍ରିକେଟ୍

ସିଡନୀରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ନିର୍ଣ୍ଣାୟକ ପଞ୍ଚମ ତଥା ଅନ୍ତିମ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୧୮୫ ରନ୍‌ରେ ଅଲଆଉଟ୍ ହୋଇଯାଇଛି । ଯଶପ୍ରୀତ ବୁମ୍‌ରା ୨୨ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୨୬ ରନ୍ କରି ଆଉଟ୍ ହୋଇଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ସ୍କଟ ବୋଲାଣ୍ଡ ୪ଟି ଓ୍ୱିକେଟ୍ ନେଇଥିଲେ ।

ଅଷ୍ଟ୍ରେଲିଆ ପ୍ରଥମ ଦିନରେ ପ୍ରଥମ ଇନିଂସ ଶେଷ ସୁଦ୍ଧା ୧ ଓ୍ୱିକେଟ୍ ହରାଇ ୯ ରନ୍ କରିଛି । ବର୍ତ୍ତମାନ ଅଷ୍ଟ୍ରେଲିଆ ୧୭୬ ରନ୍ ପଛରେ ରହିଛି । ଏହା ପୂର୍ବରୁ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ।